## ସଂକ୍ଷେପରେ

### ଜଳିଗଲା ବାଉଁଶ ବଣ

ବନ୍ତ,୨୨।୪(କିଶୋର କୁମାର ସେଠୀ): ବନ୍ତ ବ୍ଲକ ଅଫିସ ସମ୍ମୁଖରେ ଥିବା ସୌମିତ୍ରୀ ମଲ୍ଲିକ ନାମକ ବ୍ୟକ୍ତିଙ୍କ ଏକ ବାଉଁଶ ବଣ ବୁଧବାର ଜଳିଯାଇଛି। ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ବାଉଁଶ ବଣରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ପ୍ରଥମେ ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା। ମାତ୍ର ନିଆଁର ଭୟାବହତା ଅଧିକ ଥିବାରୁ ହାଟଡିହୀ ଦମକଳ ବାହିନୀ ସହ ମୋଟ ୪ ଟିମ୍ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ୭ଘଣ୍ଟା ପରେ ସନ୍ଧ୍ୟା ୭ଟାରେ ନିଆଁକୁ ଆୟତ୍ତ କରାଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡ କେଉଁ କାରଣରୁ ଘଟିଲା, ତାହା ସ୍ପଷ୍ଟ ହୋଇନାହିଁ।

### ଭାରତ ବିକାଶ ପରିଷଦ ପକ୍ଷରୁ ଜଳଛତ୍ର

ଭଦ୍ରକ,୨୨।୪(ସନାତନ ରାଉତ): ଭାରତ ବିକାଶ ପରିଷଦ ଭଦ୍ରକ ଶାଖା ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଜଳଛତ୍ର ଶୁଭାରମ୍ଭ କରାଯାଇଛି। ମଙ୍ଗଳବାର ଚରମ୍ପା କେନାଲ ରୋଡ୍ ଓ ବରପଦା-ଆଗରପଡ଼ା ରାସ୍ତାର କାଦବରାଙ୍ଗ ବଜାରରେ ଜଳଛତ୍ର ଖୋଲାଯାଇଛି। ପରିଷଦର କାର୍ତ୍ତିକ ଭାରତୀ, ଜଗବନ୍ଧୁ ଗିରି, ପୁରୁଷୋତ୍ତମ ମହାନ୍ତି, ଅକ୍ଷୟ ମହାନ୍ତି, ରବିନାରାୟଣ ରାଉତ, ସୌମ୍ୟ ପଣ୍ଡା, ଚିନ୍ତାମଣି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପାନୀୟଜଳ ବଣ୍ଟନ କରୁଛନ୍ତି। ଆଗକୁ ଆଉ କିଛି ସ୍ଥାନରେ ଜଳଛତ୍ର ଖୋଲିବ ବୋଲି ପରିଷଦର ସଚିବ ପ୍ରଦୀପ ପୁହାଣ କହିଛନ୍ତି।

### ମା' ଗଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚାନ୍ଦବାଲି,୨୨।୪(ରତିକାନ୍ତ ବାରିକ): ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତରେ ମା' ଗଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ସହ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ତଥା ଯୁବନେତା ସତ୍ୟାନନ୍ଦ ରାଉତ ଉତ୍ସବରେ ଯୋଗ ଦେଇଥିଲେ। ମନ୍ଦିର କମିଟି ସଭାପତି ଓ ସମ୍ପାଦକଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ମତୋ ଫାଣ୍ଡି ଅଧିକାରୀ ଆଶିଷ ସେନାପତିଙ୍କ ସମେତ ଫାଣ୍ଡିର ସମସ୍ତ ଅଧିକାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

### ହନୁମାନ ମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପିତ

ଧୁଷୁରୀ,୨୨।୪(ଅନନ୍ତ ସାହୁ): ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା ମଠସାହି ରୁଦ୍ର ମହାବୀର ହନୁମାନ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର କଳସ ଶୋଭାଯାତ୍ରା, ଘଟସ୍ଥାପନ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମଙ୍ଗଳବାର ସୂର୍ଯ୍ୟପୂଜା, ପ୍ରତିଷ୍ଠା ଉତ୍ସବ, ଭୂମିପୂଜା, ଗୋପୂଜନ ଏବଂ ଶେଷ ଦିନ ପୂର୍ଣ୍ଣାହୁତି ସହ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ କର୍ମୀ ଅକ୍ଷୟ ନାୟକ ପରିଚାଳନା କରିଥିବା ବେଳେ ପଣ୍ଡିତ ବିଶ୍ୱଜିତ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ପଞ୍ଚାନନ ବେହେରା ସଂକଳ୍ପ କରିଥିଲେ। ସରପଞ୍ଚ ସରିତା ମହାନ୍ତି, ସମିତିସଭ୍ୟ ବିଦ୍ୟାଧର ରାଉତ, ସାମାଜିକ କର୍ମୀ ଉମେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶରତ ସାହୁ, ଟିକୁନୁ ପାତ୍ର, ଟିକିନା ମଲ୍ଲିକଙ୍କ ସମେତ ଗ୍ରାମବାସୀ ଓ କମିଟି ସଦସ୍ୟ ସହଯୋଗ କରିଥିଲେ।

# ଧୁଷୁରୀ ବଜାରରେ ଟ୍ରାଫିକ୍ ସମସ୍ୟା

## ୩୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ଲାଗୁଛି ୩୦ ମିନିଟ୍

ଧୁଷୁରୀ,୨୨।୪(ଅନନ୍ତ ସାହୁ)



ଧାମନଗର ବ୍ଲକର ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳ ଧୁଷୁରୀ ବଜାରରେ ଏବେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଛି। ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତା ଉପରେ ଦିନକୁ ଦିନ ବଢୁଥିବା ଅବରୋଧ ଓ ଜନଗହଳି ଯୋଗୁ ସାଧାରଣ ଯାତ୍ରୀଙ୍କଠାରୁ ଆରମ୍ଭ କରି ରୋଗୀ, ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଧୁଷୁରୀ ନିକଟବର୍ତ୍ତୀ ପ୍ରାୟ ୨୦ଟି ଗ୍ରାମ ସହ ତିହିଡ଼ି ଓ ଯାଜପୁର ସୀମାନ୍ତ ଅଞ୍ଚଳର ବହୁ ଲୋକ ଏହି ବଜାର ଉପରେ ନିର୍ଭରଶୀଳ। ମାତ୍ର ସାପ୍ତାହିକ ହାଟ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନ ଥିବାରୁ ବ୍ୟବସାୟୀମାନେ ମୁଖ୍ୟରାସ୍ତାର ଦୁଇପାର୍ଶ୍ୱ ମାଡ଼ି ବସୁଛନ୍ତି। କେତେଜଣ ବ୍ୟବସାୟୀ ସରକାରୀ ଜମିକୁ ଜବରଦଖଲ କରି ସ୍ଥାୟୀ ଦୋକାନ ଗୃହ କରିଥିବା ବେଳେ ଉଠା ଦୋକାନୀମାନେ ରାସ୍ତା ଉପରେ ପସରା ମେଲାଇବା ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ମାଛ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଥିଲେ ହେଁ ପ୍ରାୟ ୨୦ରୁ ଅଧିକ ବ୍ୟବସାୟୀ ହାଇସ୍କୁଲ ଛକ ନିକଟରେ ମାଛ ଦୋକାନ କରିଥିବାରୁ ଭିଡ଼ ଦ୍ୱିଗୁଣିତ ହେଉଛି। ବସ୍‌ଷ୍ଟାଣ୍ଡରୁ ହାଇସ୍କୁଲ ଛକ ପର୍ଯ୍ୟନ୍ତ ମାତ୍ର ୩୦୦ ମିଟର ରାସ୍ତା ଅତିକ୍ରମ କରିବାକୁ ୨୦ରୁ ୩୦ ମିନିଟ୍ ସମୟ ଲାଗୁଛି। ସେହିପରି ଏହି କାରଣରୁ ପ୍ରତ୍ୟେହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପୋଲିସ ଓ ସ୍ଥାନୀୟ ପ୍ରଶାସନ ସବୁ ଦେଖୁଥିଲେ ମଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଧୁଷୁରୀକୁ ବ୍ଲକ ମାନ୍ୟତା ପାଇଁ ଦାବି ହେଉଥିବା ବେଳେ ଏହି ମୌଳିକ ସମସ୍ୟାର ସମାଧାନ ନ ହେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ତହସିଲଦାର ସାଇପ୍ରସାଦ ଲୋକନାଥ ସେଠୀ କହିଛନ୍ତି, ଜବରଦଖଲ ସ୍ଥାନକୁ ପ୍ରଥମେ ଚିହ୍ନଟ କରାଯିବ, ପରେ ଜବରଦଖଲ ଉଚ୍ଛେଦ କରାଯିବ। ସରକାରୀ ଅମିନ ଅଭାବ ଥିବାରୁ ଏହି ପ୍ରକ୍ରିୟାରେ ଟିକେ ବିଳମ୍ବ ଘଟିଛି। ଖୁବ୍‌ଶୀଘ୍ର ବଜାର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହେବ।

# ଗ୍ରୀଷ୍ମପ୍ରବାହ ପାଇଁ ବଦଳିଲା ସ୍କୁଲ ସମୟ

ଭଦ୍ରକ,୨୨।୪(ସନାତନ ରାଉତ)

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ସ୍କୁଲ ଚାଲୁଥିବା ବେଳେ ଅତ୍ୟଧିକ ତାପମାତ୍ରା ବୃଦ୍ଧି କାରଣରୁ ଭଦ୍ରକ ଜିଲାରେ ଗୁରୁବାରଠାରୁ ସ୍କୁଲ ସମୟ ପରିବର୍ତ୍ତନ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ନିର୍ଦ୍ଦେଶକ୍ରମେ ଜିଲାର ଶିଶୁବାଟିକାଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ସ୍ୱୀକୃତିପ୍ରାପ୍ତ ଓ ବେସରକାରୀ ସ୍କୁଲ ଏପରିକି ଆଦର୍ଶ ବିଦ୍ୟାଳୟ ସକାଳ ୬ଟା ୩୦ରୁ ଆରମ୍ଭ ହୋଇ ୯ଟାରେ ଛୁଟି ହେବ। ଏନେଇ ଜିଲାପାଳ ବୁଧବାର ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ମନ୍ଦିର ବାର୍ଷିକୋତ୍ସବ

ବାସୁଦେବପୁର,୨୨।୪(କାଳିପଦ ରାୟ)

ଭଦ୍ରକ ଜିଲା ସଦର ବ୍ଲକ ଗୋରାମାଟି ପଞ୍ଚାୟତର ନୂଆସାହିଠାରେ ବୁଢ଼ୀ ଜାଗୁଳାଇ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ବୁଧବାର ସମାପନ ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ସୌମ୍ୟରଞ୍ଜନ ସାହୁ, ବସନ୍ତ ନାୟକ, ଶ୍ରୀଧର ନାୟକ, ଚନ୍ଦ୍ରଶେଖର ବେହେରା, ଗଣେଶ ବେହେରା, ପରମେଶ୍ୱର କୁଅଁର, ଅଜୟ ମହଲା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ତୋରଣପଦାଠାରେ ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ହିଲୋଳ ନାୟକ, ହୃଷୀକେଶ ଦାସ, ବାଉଳି ପଲେଇ, ନିରାକାର ମଳିକ, ପ୍ରଦୀପ ପଲେଇ, ପ୍ରଭାତ ବଳ ପ୍ରମୁଖ ସହଯୋଗ କରିଥିଲେ। ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତର ଜୀବନପୁରଠାରେ ପଞ୍ଚମୁଖି ହନୁମାନଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାରଠାରୁ କଳସ ଶୋଭାଯାତ୍ରା, ଯଜ୍ଞ, ହନୁମାନ ଚାଳିଶା ପାଠ ହୋଇଥିଲା। ମନ୍ଦିର କମିଟି ସଭାପତି ସମ୍ବିତ ପଳିତା, ସମ୍ପାଦକ ଦୀପକ ନାୟକ, ଉପସଭାପତି ବାସୁଦେବ ନାୟକ, ଦେବେନ୍ଦ୍ର ନାୟକ, ବିଜୟ ବଳ ପ୍ରମୁଖ ସହଯୋଗ କରିଥିଲେ।

# ଡାକ୍ତର, ଶିକ୍ଷକ ଅଭାବ ଓ ଜଳସଙ୍କଟ ଦୂରୀକରଣ ଉପରେ ଗୁରୁତ୍ୱ

## ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ




ବୈଠକରେ ବିଧାୟକ ଡ. ବ୍ୟୋମକେଶ ରାୟ, ଅଧିକାରୀ ଓ ଅନ୍ୟମାନେ।

ଚାନ୍ଦବାଲି,୨୨।୪(ରତିକାନ୍ତ ବାରିକ)

ଚାନ୍ଦବାଲି ସହର ବିଜୁ ସ୍ମୃତି ଭବନ ପରିସରରେ ବୁଧବାର ପୂର୍ବାହ୍ନ ୧୦ଟାରେ ଡିଷ୍ଟ୍ରିକ୍ଟ ପ୍ଲାନିଂ ଆଣ୍ଡ ମନିଟରିଂ କମିଟି ଆନୁକୂଲ୍ୟରେ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପାନୀୟଜଳ, ଶକ୍ତି, ମହିଳା ଓ ଶିଶୁ ବିକାଶ, ଭତ୍ତା, ରାଶନ କାର୍ଡ, ଗୃହ ଆବଣ୍ଟନ ଆଦି ବିଷୟରେ ଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଏପିଡି ପ୍ରହ୍ଲାଦ ରଣା, ବିଡିଓ ସଞ୍ଜୀବ ମହାପାତ୍ର, ଚାନ୍ଦବାଲି ଏନ୍‌ଏସି ଅଧିକାରୀ ଆଭାସ ରଞ୍ଜନ ପାଣିଗ୍ରାହୀ, ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ଚାନ୍ଦବାଲି ବ୍ଲକ ଅଧ୍ୟକ୍ଷା ମିନତି ସୁତାର, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଚାନ୍ଦବାଲି ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ଅଭାବ ଦୂରୀକରଣ ସହ ଉନ୍ନତମାନର ସ୍ୱାସ୍ଥ୍ୟସେବା ପ୍ରଦାନ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ, ନିର୍ବାଚନମଣ୍ଡଳୀକୁ ସଂଯୋଗ କରୁଥିବା ସେତୁଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ ଏବଂ ଶିକ୍ଷା କ୍ଷେତ୍ରରେ ଥିବା ଶିକ୍ଷକ ଅଭାବ ସମସ୍ୟାର ଦୂରୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଜନ ପ୍ରତିନିଧି ବୈଠକରେ ଉପସ୍ଥିତ ଥିଲେ।

### ସ୍ମୃତି କମିଟି ପକ୍ଷରୁ ଜଳଦାନ ଶିବିର

ଚାନ୍ଦବାଲି,୨୨।୪(କିଷାନ ପାତ୍ର): ଚାନ୍ଦବାଲି ବ୍ଲକ ମତୋଠାରେ ଗଜଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ବୁଧବାର ଚାନ୍ଦବାଲି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ସନାତନ ରାଉତ ସ୍ମୃତି କମିଟି ପକ୍ଷରୁ ଜଳଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ତାଙ୍କ ପୁଅ ସାମାଜିକ କର୍ମୀ ସତ୍ୟାନନ୍ଦ ରାଉତଙ୍କ ପରିଚାଳନାରେ ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। କମିଟି ସଦସ୍ୟ ଓ ସ୍ଥାନୀୟ ଯୁବକମାନେ ସହଯୋଗ କରିଥିଲେ। ମନୋଜ ବିଶ୍ୱାଳ, ଯଶିପୁର ସରପଞ୍ଚ ପ୍ରମିଳା ମାଝୀ, ବସନ୍ତ ନାୟକ, ସୁଦର୍ଶନ ସ୍ୱାଇଁ, ଶକ୍ତି ପ୍ରତାପ ବିଶ୍ୱାଳ, ଦୀପକ କୁମାର ଭୋଇ, ସୁରେନ୍ଦ୍ର ବିଶ୍ୱାଳ, ଗଙ୍ଗାଧର ବାରିକ, ଶରତ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ମହାବୀର ହନୁମାନଙ୍କ ମହାପୂଜା

ତିହିଡ଼ି,୨୨।୪(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ମହରମପୁର ପଞ୍ଚାୟତ ଅଧୀନ ମହାବୀରସାହିସ୍ଥିତ ମହାବୀର ହନୁମାନଙ୍କ ମହାପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ମନ୍ଦିରରେ ଅଧିବାସ ଓ ସମସ୍ତ ଉପଚାର କାର୍ଯ୍ୟ ସମାପନ ହୋଇଥିଲା। ମଙ୍ଗଳବାର ସକାଳେ ମହାବୀରଙ୍କ ନୀତିକାନ୍ତି ପରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ଶୋଭାଯାତ୍ରାରେ ବାହାରି ପବିତ୍ର ଗୁପ୍ତଗଙ୍ଗାରୁ ପୂଜାର୍ଚ୍ଚନା କରି କଳସ ବୁଡ଼ାଇ ମହାବୀରଙ୍କ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। ପରେ କଳସ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଚନ୍ଦ୍ରାୟଣ ଓ ଅନ୍ୟାନ୍ୟ ଉପଚାର ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ମନ୍ଦିର ପୂଜକ ପଣ୍ଡିତ ଦୋଳଗୋବିନ୍ଦ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ବିଷ୍ଣୁଚରଣ ମିଶ୍ର, ସୁବାସ ଚନ୍ଦ୍ର ଶତପଥୀ ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଯଜ୍ଞ କର୍ତ୍ତା ଭାବେ ବୁଦ୍ଧଦେବ ଜେନା, କିଶୋରଜିନୀ ଜେନା, ମନମୋହନ ସାହୁ ଓ ତିଳୋତ୍ତମା ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ଭୋଳାନାଥ ସାହୁ, ଅଲେଖ ବେହେରା, ମହେଶ୍ୱର ନାୟକ, ମାଳତୀ ସାହୁ, ଆଲୋକ ବିକାଶ ପ୍ରିୟଦର୍ଶୀ ପ୍ରମୁଖ ସହଯୋଗ କରିଥିଲେ।

# 'କବି ବାଞ୍ଛାନିଧି ଥିଲେ ଜାତୀୟ ଜାଗରଣର ସ୍ୱର'

## ରାଜ୍ୟସ୍ତରୀୟ ସ୍ମୃତିସଭା

ଭଦ୍ରକ,୨୨।୪(ସନାତନ ରାଉତ)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ବାଞ୍ଛାନିଧି ସ୍ମୃତି ପରିଷଦ ସହଯୋଗରେ ସୋମବାର ସନ୍ଧ୍ୟାରେ ଭଦ୍ରକ ଜିଲା ସଂସ୍କୃତି ଭବନରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡା. ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ଉଦ୍‌ଘାଟକ ଭାବେ ଜିଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ କହିଥିଲେ, କବି ବାଞ୍ଛାନିଧି ଥିଲେ ଜାତୀୟ ଜାଗରଣର ସ୍ୱର। ସ୍ୱାଧୀନତାର ପୃଷ୍ଠଭୂମିରେ ତାଙ୍କର ଉଦ୍‌ବୋଧନମୂଳକ କବିତା ଦେଶପ୍ରେମ ଓ ସମାଜରେ ଜନଜାଗରଣ ସୃଷ୍ଟି କରିବାରେ ସହାୟକ ହୋଇଥିଲା। ବରେଣ୍ୟ ଅତିଥି ପରିଷଦର ଉପସଭାପତି ଡ. ଶଶଧର ଦାସ, ମୁଖ୍ୟବକ୍ତା ସ୍ତମ୍ଭକାର ପ୍ରଫୁଲ୍ଲ କୁମାର ସାହୁ, ଅନ୍ୟତମ ବକ୍ତା ଭାବେ କବି ନିରଞ୍ଜନ ବେହୁରିଆ ଯୋଗଦେଇ ଭଦ୍ରକରେ କବିଙ୍କ ସ୍ମୃତିରେ କୌଣସି ସ୍କୁଲ, କଲେଜର ନାମକୁ ନାମିତ କରିବାକୁ ସରକାରଙ୍କୁ ଅନୁରୋଧ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରତିକାନ୍ତ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଡ. ମମତା ସାହୁ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ମାନପତ୍ର ପାଠ କରିଥିଲେ। ଏହି ଅବସରରେ କବି ନିରଞ୍ଜନ ବେହୁରିଆଙ୍କୁ ବାଞ୍ଛାନିଧି ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ରଞ୍ଜନ ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କୃଷ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ରାମ ମନ୍ଦିର ବାର୍ଷିକ ଉତ୍ସବ

ବନ୍ତ,୨୨।୪(ହରିନାରାୟଣ ମହାନ୍ତି): ବନ୍ତ ବ୍ଲକ ନିଲୋକ ପଞ୍ଚାୟତ ବାଇପୁରସ୍ଥିତ ରାମ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଗ୍ରାମ୍ୟ ପୁଷ୍କରିଣୀରୁ ୭୦ରୁ ଉର୍ଦ୍ଧ୍ୱ କଳସ ଶୋଭାଯାତ୍ରାରେ ଅଣାଯାଇ ଗ୍ରାମ ପରିକ୍ରମା ପରେ ଘଟ ସ୍ଥାପନ କରାଯାଇଥିଲା। ରବୀନ୍ଦ୍ର କୁମାର ପଣ୍ଡା, କିଶୋର ଚନ୍ଦ୍ର ସେନାପତି, ପରମେଶ୍ୱର ସେନାପତି, ଶତ୍ରୁଘ୍ନ ସେନାପତି ଓ ଜଗନ୍ନାଥ ନାୟକ ମୁଖ୍ୟ କଳସ ଧାରଣ କରିଥିଲେ। ରବୀନ୍ଦ୍ର କୁମାର ପଣ୍ଡା ଓ ସସ୍ମିତା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୁଧବାର ନୈମିତ୍ତିକ ପୂଜା, ମଣ୍ଡପସ୍ଥ ଦେବଦେବୀଙ୍କ ପୂଜନ, ଶ୍ରୀଗୀତା ଓ ଶ୍ରୀ ଚଣ୍ଡୀ ପାଠ ସହ ଆହୂତି ପ୍ରଦାନ, ଶ୍ରୀରାମଙ୍କ ସହସ୍ର ନାମ ପାଠ, ଚରୁ ସାଧନ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ପଦ୍ମନାଭ ପଣ୍ଡା, ଧରଣୀଧର ଦ୍ୱିବେଦୀ ଓ ନିତ୍ୟ ପୂଜକ ପଦ୍ମନାଭ ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ପଣ୍ଡିତ ଚିତ୍ତରଞ୍ଜନ ନାୟକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫୁଲ୍ଲ କୁମାର ସାହୁ, କୈଳାସ ସେନାପତି, ସୁଦର୍ଶନ ସେନାପତି, ରାଜେଶ କୁମାର ପଣ୍ଡାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ବାସ୍ତବବାଦୀ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ'



ସାରସ୍ୱତ ସାଧନା ପରିଷଦର ବାର୍ଷିକୋତ୍ସବରେ ଅତିଥି ଓ ଅନ୍ୟମାନେ।

ବାସୁଦେବପୁର,୨୨।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ସାରସ୍ୱତ ସାଧନା ପରିଷଦର ୫ମ ବାର୍ଷିକ ଉତ୍ସବ ସହ ଏହାର ମାର୍ଗଦର୍ଶକ ଗୀତିକାର ପୀତାମ୍ବର ମିଶ୍ରଙ୍କ ଜନ୍ମଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ବାସ୍ତବବାଦୀ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି କହିଥିଲେ। ଉଦ୍‌ଘାଟକ ଅବସରପ୍ରାପ୍ତ ସୂଚନା କମିଶନର ତଥା ପୂର୍ବତନ ବିଚାରପତି ବାଳକୃଷ୍ଣ ମହାପାତ୍ର, ବରେଣ୍ୟ ଅତିଥି ଜଳ ସମ୍ପଦ ବିଭାଗର ନିର୍ଦ୍ଦେଶକ ଅଶୋକ କୁମାର ବେହେରା, ମୁଖ୍ୟବକ୍ତା ଆଖଣ୍ଡଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ନୀହାର ରଞ୍ଜନ କର, ଅନ୍ୟତମ ଅତିଥି ଭାବେ ପ୍ରଧାନଆଚାର୍ଯ୍ୟ ମଦନ ମୋହନ ମହନ୍ତ ଓ ଅନୁଷ୍ଠାନର ମାର୍ଗଦର୍ଶକ ଗୀତିକାର ମିଶ୍ର ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଭାଗୀରଥି ସ୍ୱାଇଁ ଓ କଣ୍ଠଶିଳ୍ପୀ ଶାନ୍ତନୁ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଚାରୁଲତା ମିଶ୍ର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଦୁଶାସନ ରାଉତ ସଭା ମଞ୍ଚରେ ଅନୁଷ୍ଠାନ ପକ୍ଷରୁ ଏକ ଉପଢୌକନ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସଭାରେ କବିତା ପାଠୋତ୍ସବ ସହ ନୃତ୍ୟଗୀତ ପରିବେଷଣ ହୋଇଥିଲା।

# ସିଏମ୍ ଟ୍ରଫି ଫୁଟ୍‌ବଲ: ଆଗରପଡ଼ା କେସିଭିଏମ୍ ସ୍କୁଲ ଚାମ୍ପିୟନ




ଅତିଥିମାନେ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

ଧାମନଗର,୨୨।୪ (ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ବ୍ଲକ ଦୋବଲ କାଳୀପଡ଼ିଆରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ ମ୍ୟାଚ୍ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଚାନ୍ଦବାଲି ଏନ୍‌ଏସିକୁ ହରାଇ ଆଗରପଡ଼ା କେସିଭିଏମ୍ ସ୍କୁଲ ଚାମ୍ପିୟନ ହୋଇଛି। ଖେଳର ପ୍ରଥମରୁ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। କେସିଭିଏମ୍ ସ୍କୁଲର ଖେଳାଳିମାନେ ଉନ୍ନତ ଖେଳ ପ୍ରଦର୍ଶନ କରି ଚାନ୍ଦବାଲିକୁ ୧-୦ ଗୋଲରେ ହରାଇଥିଲେ। ଆଇନଜୀବୀ ଅତିସ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏଭଳି ଟୁର୍ନାମେଣ୍ଟ ଏକ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର, ଉଚ୍ଚଶିକ୍ଷା ଓ କ୍ରୀଡ଼ା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ବିଡିଓ ବନବିହାରୀ ଦିଣ୍ଡା, ଏନ୍‌ଏସି ଅଧିକାରୀ ସନ୍ତୋଷ ନାୟକ, ମନ୍ତ୍ରୀଙ୍କ ଏନ୍‌ଏସି ପ୍ରତିନିଧି କୈଳାଶ ମହାପାତ୍ର, ଅରବିନ୍ଦ ପତି, ଚତୁର୍ଭୁଜ ନାୟକ, ପ୍ରମୋଦ ସୁତାର, ନାରାୟଣ ସାହାଣୀ, ରଞ୍ଜିତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟ୍ରଫି ଏବଂ ରନରଅପ୍ କପ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। ରେଫରି ଭାବେ ସେକ ରିଆଜ କାଦ୍ରି, ସୁଶାନ୍ତ କୁମାର ବିଶ୍ୱାଳ, ମହମ୍ମଦ ଆଝାର ଏବଂ ସେକ ସଲିମ ମ୍ୟାଚ୍ ପରିଚାଳନା କରିଥିଲେ।

# ଭଦ୍ରକରେ ପ୍ରଥମଥର ହେବ ବୈଶାଖୀ ମେଳା

ଭଦ୍ରକ,୨୨।୪(ସନାତନ ରାଉତ)

ଭଦ୍ରକର ଐତିହ୍ୟ, କଳା ଓ ପରମ୍ପରାକୁ ଲୋକଲୋଚନକୁ ଆଣିବା ସହ ସ୍ଥାନୀୟ ଲୋକକଳାର ପ୍ରଚାର ପ୍ରସାର ନିମନ୍ତେ ପ୍ରଥମଥର ପାଇଁ ବୈଶାଖୀ ମେଳା-୨୦୨୬ ହେବାକୁ ଯାଉଛି। ଆସନ୍ତା ୨୬ ତାରିଖରୁ ମେ ୫ ପର୍ଯ୍ୟନ୍ତ ୧୦ ଦିନ ଧରି ଭଦ୍ରକ ନେହେରୁ ଷ୍ଟାଡିୟମ୍‌ରେ ଏହି ମେଳା ଅନୁଷ୍ଠିତ ହେବ। ପ୍ରତି ସନ୍ଧ୍ୟାରେ ବିଭିନ୍ନ ଲୋକକଳା ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଜିଲା ଓ ଜିଲା ବାହାରୁ ଅନେକ ବ୍ୟବସାୟୀ ସେମାନଙ୍କର ସାମଗ୍ରୀ ବିକ୍ରୟ ପାଇଁ ଷ୍ଟଲ୍ ଖୋଲାଯିବ। ମୀନାବଜାର, ବିଭିନ୍ନ ପ୍ରକାର ଦୋଳି ଲାଗିବ ବୋଲି ମଙ୍ଗଳବାର ଅପରାହ୍ନରେ ଭଦ୍ରକ ସହର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବୈଶାଖୀ ମେଳା କମିଟି ସଭାପତି ଅଜୟ ନାୟକ ପ୍ରକାଶ କରିଛନ୍ତି। ଇଂ. ଅଲେଖ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଇନଜୀବୀ ଗଦାଧର ବଳ, ଶାନ୍ତନୁ କୁମାର ରାଉତ, ଅମ୍ବିକା ବଲ୍ଲଭ ସ୍ୱାଇଁ, ଇନ୍ଦ୍ରମଣି ପଣ୍ଡା, ବାବୁଲାଲ ଦାସ, ଲକ୍ଷ୍ମୀକାନ୍ତ ବାରିକ, ଗୌରାଙ୍ଗ ଚନ୍ଦ୍ର ବାରିକ, ଗୀତାରାଣୀ ଆଇଚ, ବସୁମିତ୍ରା ସାହୁ, ଆଇନଜୀବୀ ମନୋରଞ୍ଜନ ଦାସ, ସୁଧାକର ରାଉତ, ନାରାୟଣ ଚନ୍ଦ୍ର ପାଢ଼ୀ, ରଣଜିତ ମହାପାତ୍ର, ମଦନ ନାୟକ, ରାଜେନ୍ଦ୍ର ବିଶ୍ୱାଳ, ରୂପକ ବିହାରୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

# ଏକର ପିଛା ୩୦ କୋଟି, ମୌଳିକ ସୁବିଧା ଯୋଗାଣ ଦାବି

## ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ୭ମ ଗ୍ରାମସଭା

### ସଭାରେ କାନ୍ଦିଲେ ସରପଞ୍ଚ

**ପାଟଣା,୨୨।୪(ବୀର କିଶୋର ଦାଶ)**



ଗ୍ରାମସଭାରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।



ଜମି ହରାଇବାକୁ ଥିବା ଜଣେ ବୃଦ୍ଧା ଦାବି ଉପସ୍ଥାପନ କରୁଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚେମେଣା ହାଇସ୍କୁଲ ପଡ଼ିଆରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ପୂର୍ବାହ୍ନରେ ୭ମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ମୌଜାର ମୋଟ ୧୩ ଖାତାର ୨୮ଟି ପ୍ଲଟ୍ ଅଧିଗ୍ରହଣ ହେବାକୁ ଥିବା ବେଳେ ଘରୋଇ ଜମି ଏ ୧୩.୧୭ଡି, ସରକାରୀ ଜମି ଏ ୧୦.୬୪ ଡିସିମିଲ ଉପରେ ଲୋକଙ୍କଠାରୁ ମତାମତ ଗ୍ରହଣ କରାଯାଇଛି। ସଭା ଆରମ୍ଭରେ ମହାନ୍ତ ବହୁଳ ଗ୍ରାମରେ ଲୋକଙ୍କ ମନୋରଞ୍ଜନ ପାଇଁ ରାଇରଙ୍ଗପୁର ପ୍ରସିଦ୍ଧ ଝୁମର ନୃତ୍ୟ ଗୀତ ପରିବେଷଣ ହୋଇଥିଲା।

ଗ୍ରାମସଭାରେ ସ୍ଥାନୀୟ ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ସ୍ଥାନୀୟ ସମିତିସଭ୍ୟ ମନୋଜ ମହାନ୍ତ, ୩ ନମ୍ବର ୱାର୍ଡ ସଦସ୍ୟ ଗୀତା ମହାନ୍ତ, ୪ ନମ୍ବର ୱାର୍ଡ ସଦସ୍ୟ ଭରତ ଚନ୍ଦ୍ର ମହାନ୍ତ, ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ବିଡିଓ ମାନସ ଦଣ୍ଡପାଟ, ଇଡ୍କୋ ଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣ କିଶୋର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମୋଟ ୬ ଗ୍ରାମବାସୀ ପୂର୍ବତନ ସରପଞ୍ଚ ଉଦୟନାଥ ନାଏକ, ରମାକାନ୍ତ ମହାନ୍ତ, ନିର୍ମଳ ମହାନ୍ତ, ନିରୁପମା ମହାନ୍ତ, ଯୋଗେଶ୍ୱର ମହାନ୍ତ ଓ ରଣଜିତ ବେହେରା ସେମାନଙ୍କର ୪୪ଦଫା ଦାବି ସହ ଗ୍ରାମର ମୌଳିକ ସମସ୍ୟା ସମାଧନ ପାଇଁ ଦାବି କରିଥିଲେ। ଦାବି ମଧ୍ୟରେ ଏକର ପିଛା ୩୦କୋଟି ଟଙ୍କା, କାରଖାନା ଲାଭାଂଶର ୩୦ପ୍ରତିଶତ ସ୍ଥାନୀୟ ଲୋକଙ୍କ ପାଇଁ ଖର୍ଚ୍ଚ କରିବା, ଜମି ହରାଉଥିବା ଲୋକଙ୍କୁ ସରକାରୀ ଜମିରେ ପଟ୍ଟା ଯୋଗାଇଦେବାକୁ ଦାବି ରହିଛି। ସଭାରେ ସରପଞ୍ଚ ନାଏକ ବକ୍ତବ୍ୟ ରଖିବା ବେଳେ କାନ୍ଦି ଲୋକଙ୍କୁ ନିଜ ମତ ରଖିବାକୁ କହିଥିଲେ। ଏଥିସହ ତାଙ୍କୁ ହଇରାଣ କରନ୍ତୁ ନାହିଁ ବୋଲି କହିଥିଲେ। ଏଭଳି ମନ୍ତବ୍ୟକୁ ନେଇ ସରପଞ୍ଚଙ୍କୁ କେହି ଧମକ କିମ୍ବା ପ୍ରେସର ଦେଉଛନ୍ତି ବୋଲି ପଚରାଯାଇଥିବା ବେଳେ କେତେଜଣ ଅଛନ୍ତି, କ୍ୟାମେରା ସମ୍ମୁଖରେ କହିବାକୁ ଚାହୁଁନାହାନ୍ତି ବୋଲି କହି ସରପଞ୍ଚ ଏଡ଼ାଇଯାଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଲକର ଦାଗୁଡ୍ଡୁ, ଉପଜିଲାପାଳ ଉମାଶଙ୍କର ଦଳେଇ ପ୍ରମୁଖ ଅଧିକାରୀଙ୍କ ସମେତ ୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଚେମେଣାରେ ଗ୍ରାମବାସଭା ଶାନ୍ତିପୂର୍ଣ୍ଣଭାବେ ସମ୍ପନ୍ନ ହୋଇଛି।

# ଚେମେଣା ଗ୍ରାମସଭାକୁ ବିରୋଧ



ପ୍ଲାଣ୍ଟ ବିରୋଧୀ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଉଛି।

**ପାଟଣା,୨୨।୪(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ଚେମେଣାରେ ଅନୁଷ୍ଠିତ ଗ୍ରାମସଭାକୁ ବିରୋଧ କରାଯାଇଛି। ସଭା ଶାନ୍ତିପୂର୍ଣ୍ଣ ହୋଇଥିବା ବେଳେ ଯମୁନାପୋଷି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଜିନ୍ଦଲ, ପୋସ୍କୋ ପ୍ରତିରୋଧ ମଞ୍ଚର ଗ୍ରାମ କମିଟି ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଛି। ବେଣୁଧର ସର୍ଦ୍ଦାର, ଘନଶ୍ୟାମ ମହାନ୍ତ, ଶତ୍ରୁଘ୍ନ ନାଏକ, ଲକ୍ଷ୍ମଣ ମହାନ୍ତ, ଇନ୍ଦ୍ରମଣି ମହାନ୍ତ, ପଙ୍କଜ ଦେହୁରୀଙ୍କ ନେତୃତ୍ୱରେ ଯମୁନାପୋଷି, କୋଡ଼ଖମଣ, ବରୁଡିପୋଷି, ଗୋଡ଼ିପୋଖରୀ, ଚିଲିଦାବାର ଡାଙ୍ଗୁଆରେ ପ୍ରତିବାଦ କରାଯାଇଛି। ଗ୍ରାମଗୁଡ଼ିକରେ ଶତାଧିକ ମହିଳା, ପୁରୁଷ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାକରି ପୋଲିସ ଜୁଲମ ବନ୍ଦ କର, ମିଥ୍ୟା ମାମଲା ପ୍ରତ୍ୟାହାର କର, ରକ୍ତ ଦେବୁ ଜୀବନ ଦେବୁ ଭିଟାମାଟି ଆମେ ଛାଡ଼ିବୁ ନାହିଁ, ଚେମେଣା ଗ୍ରାମରେ ବଳ ପୂର୍ବକ ଜମି ଅଧିଗ୍ରହଣ ବନ୍ଦ କର ଆଦି ସ୍ଲୋଗାନ ଦେଉଥିଲେ। ଏଥିରୁ ସରକାର ନିବୃତ୍ତ ନ ରହିଲେ ଆଗାମୀ ଦିନରେ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟିହେବ ସେଥିପାଇଁ ସରକାର, ପୋଲିସ ଓ ପ୍ରଶାସନ ଦାୟୀ ରହିବେ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଛେନାପଦି ଛକରେ ବିଶ୍ରାମାଗାର ନିର୍ମାଣ ଦାବି

**ବଡ଼ଲା,୨୨।୪(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଛେନାପଦି ଛକରେ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ଦାବି ହୋଇଛି। ଛକ ଦେଇ ଆନନ୍ଦପୁର-ଭଦ୍ରକ ୫୩ ନଂ. ରାଜ୍ୟ ରାଜ୍ୟପଥ ଯାଇଥିବା ବେଳେ ଛକ ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଛି। ଛକ ଗୁରୁତ୍ୱ ବହନ କରୁଥିବା ବେଳେ ଏଠାରେ ଶୌଚାଳୟ ଓ ବିଶ୍ରାମାଗାର ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅଭିଯୋଗ ମୁତାବକ, ଛେନାପଦି ଛକରେ ପରିବା ବ୍ୟବସାୟ ନିମନ୍ତେ ୩ଟି ଜିଲାର ବ୍ୟବସାୟୀ ଆସିଥାନ୍ତି। ସକାଳ ୬ରୁ ୧୨ଟା ପର୍ଯ୍ୟନ୍ତ ପରିବା ବଜାରରେ ଅନେକ ହଜାର ଲୋକଙ୍କ ଗହଳି ଲାଗି ରହିଥାଏ। ଏଥିସହ ବିଭିନ୍ନ ଅଞ୍ଚଳରୁ ଲୋକେ ବସ୍‌ରେ ଆସି ଏଠାରେ ରହିଥାନ୍ତି। ସେଠାରୁ ଗନ୍ତବ୍ୟସ୍ଥଳକୁ ଯିବାକୁ ଅପେକ୍ଷା କରିଥାଆନ୍ତି। ଏଥିସହ ଛକ ନିକଟରେ ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ ଓ ଛେନାପଦି ବିଶ୍ୱ ତାରିଣୀ ମହାବିଦ୍ୟାଳୟ ରହିଛି। ଛାତ୍ରୀଛାତ୍ର ମଧ୍ୟ ସେହି ଛକରେ ଓହ୍ଲାଇ ନିଜ ଗାଁକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରନ୍ତି। ସେଠାରେ ଥିବା ମା' ତାରିଣୀ ମନ୍ଦିରକୁ ମଧ୍ୟ ଅନେକ ଶହ ଭକ୍ତ ଆସିଥାନ୍ତି। ଏଭଳି ଗୁରୁତ୍ୱ ବହନ କରୁଥିବା ଛକରେ ମହିଳା, ପୁରୁଷଙ୍କ ପାଇଁ ଶୌଚାଳୟ, ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଛାତ୍ରୀ, ମହିଳା ଓ ସାଧାରଣ ଲୋକେ ବିଭିନ୍ନ ସମୟରେ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି। ବିଶ୍ରାମାଗାରଟିଏ ନ ଥିବାରୁ ଯାତ୍ରୀବାହୀ ବସ୍‌କୁ ଅପେକ୍ଷା କରିବା ପାଇଁ ସ୍ଥାନ ନ ଥିବାରୁ ଦୋକାନ ପାଖରେ ଠିଆହୋଇ ରହିଥାନ୍ତି। ବର୍ଷା, ପବନ ଓ ଖରାଦିନେ ଅପେକ୍ଷା କରୁଥିବା ଯାତ୍ରୀ, ମହିଳା ଓ ଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଥିପ୍ରତି ଦୃଷ୍ଟିଦେଇ ଛକରେ ଶୌଚାଳୟ ଓ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ପ୍ରଶାସନ ଓ ରାଜନୈତିକ ଦଳର ନେତାମାନେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# 'ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଭାଜପା କୁମ୍ଭୀର କାନ୍ଦଣା କାନ୍ଦୁଛି'




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**କେନ୍ଦୁଝର,୨୨।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

ସମ୍ବିଧାନ ସଂଶୋଧନ ଆଇନ ପାରିତ ହେବାକୁ ୨ ତୃତୀୟାଂଶ ସଦସ୍ୟଙ୍କର ସମର୍ଥନ ଲୋଡ଼ା କିନ୍ତୁ ୨ ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ନ ଥାଇ ମହିଳା ସଂରକ୍ଷଣ ବିଲ କାହିଁକି ପାରିତ କରିବାକୁ ଭାଜପା ଚେଷ୍ଟା କରୁଥିଲା। ଏହା ପଛରେ କିଛି ଖରାପ ଉଦ୍ଦେଶ୍ୟ ଥିଲା କି ବୋଲି ପିସିସି ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଜିଲା କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇ ପ୍ରଶ୍ନ କରାଯାଇଛି। ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ଅଯଥାରେ ସୀମା ନିର୍ଦ୍ଧାରଣ ବିଲ୍ ଆଗତ କରି ଲୋକହସା ହେବା ଦୁର୍ଭାଗ୍ୟଜନକ। ବିଲଗୁଡ଼ିକ ପାରିତ ହୋଇ ନ ପାରିବାରୁ ଭାଜପା ସରକାର କୁମ୍ଭୀର କାନ୍ଦଣା କାନ୍ଦୁଛି ବୋଲି କହିଥିଲେ। ଏଥିରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ ଜେନା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାଏକ, ଏମ୍‌ପି ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ୬ ବାଲି ବୋଝେଇ ଗାଡ଼ି ଜବତ

**ବଡ଼ଲା,୨୨।୪(ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସୋସୋ ଥାନା ଅଞ୍ଚଳରୁ ଖଣି ବିଭାଗ ଏକ ହାଇୱା, ୪ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଜବତ ହାଇୱା ସୋସୋ ଥାନାରେ ଜିମା ଦିଆଯାଇଥିବା ବେଳେ ଆମ୍ବୋ ଘାଟରୁ ଜବତ ୪ଟି ଟ୍ରାକ୍ଟରକୁ ନନ୍ଦିପଦା ଥାନାରେ ବିଭାଗ ଜିମା ଦେଇଛି। ଗିରିଗାଁ ଅଞ୍ଚଳରୁ ଏକ ଟ୍ରାକ୍ଟର ଜବତ କରିଛି। ସେହିପରି ପୋଲିସ ୨ ଦିନ ପୂର୍ବେ ଚୋରଗଡ଼ିଆ ଛକରୁ ୨ଟି ହାଇୱା ଜବତ କରିଥିଲା।

# ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ନେଇ ପ୍ରସ୍ତୁତି

**କେନ୍ଦୁଝର,୨୨।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରଠାରେ ଜିଲାସ୍ତରୀୟ ଧରଣୀଧର ଜୟନ୍ତୀ ଆୟୋଜନର ସମୀକ୍ଷା ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ମମିତା ନାଏକ ଯୋଗଦେଇଥିଲେ। ଏଥିସହ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ଭୂୟାଁ ସାଂସ୍କୃତିକ ସଂଘର ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଜିଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମେ ୫ ତାରିଖରେ ଜିଲା ଅଡିଟୋରିୟମଠାରେ ଜିଲାସ୍ତରୀୟ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ କରାଯିବା ସହ ଜିଲାର ଅନ୍ୟ ସମସ୍ତ ସ୍ଥାନରେ ସମାନ୍ତରାଳଭାବେ ଜୟନ୍ତୀ ଉତ୍ସବ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ଓ ଉତ୍କୃଷ୍ଟତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ପାଟଣା,୨୨।୪(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପାଟଣା ୨୨୦ ନମ୍ବର ଜାତୀୟ ରାଜପଥ କାଶିଆନାଳ ନିକଟରେ ବୁଧବାର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ପୋଲିସ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଶବଗୃହରେ ରଖାଯାଇଛି। ପାଟଣା ଥାନାରେ ଏକ ମାମଲା(ନଂ. ୧୫୬/୨୬)ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି।

# କୂଅରେ ପଡି ବୃଦ୍ଧାଙ୍କ ମୃତ୍ୟୁ

**ଢେଙ୍କିକୋଟ୍,୨୨।୪(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପିପିଳିଆ ପଞ୍ଚାୟତ ଅସନବଣି ଗ୍ରାମରେ ମଙ୍ଗଳବାର ରାତିରେ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଗ୍ରାମର ତରଣୀ ପାତ୍ର(୭୦)। ସେ କୂଅରୁ ପାଣି କାଢ଼ିବା ସମୟରେ ଭାରସାମ୍ୟ ହରାଇ ଭିତରେ ପଡ଼ିଯାଇଥିଲେ। ଘର ଲୋକ ଖୋଜାଖୋଜି କରି କୂଅକୁ ପଡ଼ିଥିବା ଦେଖିଥିଲେ। ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ର ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛନ୍ତି।

# କେନ୍ଦୁଝର ମହିଳା କ୍ରିକେଟ ଦଳ ଘୋଷଣା



ଚୟନ ହୋଇଥିବା ମହିଳା ଦଳ।

**କେନ୍ଦୁଝର,୨୨।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡ଼ିୟମଠାରେ ଚାଲିଥିବା ଟି-୨୦ ଆନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଏକ ୧୫ ଜଣିଆ କେନ୍ଦୁଝର ଜିଲା ଦଳ ମଙ୍ଗଳବାର ଘୋଷଣା ହୋଇଛି। ପୂର୍ଣ୍ଣିମା ରାୟଙ୍କ ନେତୃତ୍ୱରେ ଜିଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ହେଲେ ତନବୀ ରଞ୍ଜନ (ଉପ ଅଧିନାୟକ), ରାନୀ କେ ପ୍ରସାଦ, ସାତିଲଗ୍ନ ପ୍ରଧାନ, ଯଶସ୍ୱିନୀ ନାଏକ, ଦୀପା ଗାଗରାଇ, ସୀତା ସିଙ୍କୁ, ନାମୀ ମିଶ୍ର, ପୂଜା ଗାଗରାଇ, ସାଇ ପ୍ରତୀକ୍ଷା ଜେନା, ସାଇଲକ୍ଷ୍ମୀ ଜେନା, ତମନ୍ନା ସିଂହ, ଲିପ୍‌ସା ଜେନା, ସୋନାଲୀ ଦାସ, ମନୀଷା ନାଏକ। ଷ୍ଟାଣ୍ଡ୍‌ବାଇ ଖେଳାଳି ଭାବେ ଅନିଶା ସାହା, ସୁଶ୍ରୀ ମହାନ୍ତ, ଆର୍ଯ୍ୟସୂତ ଜେନା, ଭାଗ୍ୟଶ୍ରୀ ବଳ, ଶ୍ରେୟା ସାହୁ ରହିଛନ୍ତି। ଦଳ ସହ ମ୍ୟାନେଜର ଭାବେ ସସ୍ମିତା ମୁଣ୍ଡା ଏବଂ କୋଚ୍ ଭାବେ ଅମରେନ୍ଦ୍ର ମହାନ୍ତି ବୁଧବାର ଟ୍ରେନ୍ ଯୋଗେ କଟକ ଅଭିମୁଖେ ଯାତ୍ରା କରିଛନ୍ତି। ଖେଳ ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ କେନ୍ଦୁଝର ତାର ପ୍ରଥମ ମ୍ୟାଚ୍ ନିମପୁର ପଡ଼ିଆରେ ଗତବର୍ଷର ଚାମ୍ପିୟନ ବଲାଙ୍ଗୀର ଜିଲାକୁ ଭେଟିବ ବୋଲି ଜିଲା କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଶ୍ରମିକ ସଚେତନତା ଶିବିର

**କେନ୍ଦୁଝର,୨୨।୪(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ଶ୍ରମ ବିଭାଗ ଏବଂ ବ୍ଲକ୍ ପ୍ରଶାସନ ମିଳିତ ଆନୁକୂଲ୍ୟରେ ହରିଚନ୍ଦନପୁର ବ୍ଲକ୍ ଶଗଡ଼ପଟା ପଞ୍ଚାୟତ ବିଲା ଗାଁରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୮୮ଜଣ ଯୋଗ ଦେଇଥିବା ବେଳେ ସେଥିରେ ୯୮ଜଣ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ୬୪ଜଣ ଅଣ ସଂଗଠିତ କାର୍ଯ୍ୟରେ ନିୟୋଜିତ ଶ୍ରମିକ, ୬୦ ବର୍ଷରୁ ଊର୍ଦ୍ଧ୍ୱ ୧୨ଜଣ ଏବଂ ୧୭ ଜଣ ଅଣଶ୍ରମିକ ଉପସ୍ଥିତ ଥିଲେ। ଜିଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପରେ ସହକାରୀ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ୧୪ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ ବଣ୍ଟନ କରିଥିଲେ। ଅନ୍ୟ ଯୋଗ୍ୟ ଶ୍ରମିକଙ୍କୁ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ ୭୦ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା। ଏଥିସହିତ ଶ୍ରମିକଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ନିଯୁକ୍ତିଦାତାଙ୍କୁ ଗ୍ରୀଷ୍ମପ୍ରବାହ ସମୟରେ କାର୍ଯ୍ୟ ସମୟକୁ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ଆନନ୍ଦପୁର କଲେଜ ସାମ୍ପ୍ ରୁମ୍‌ରେ ଅଗ୍ନିକାଣ୍ଡ

### ୧୦ରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର, ଫାଇଲ ନଷ୍ଟ

**ବଞ୍ଚୋ,୨୨।୪(ପ୍ରଦୋଷ କୁମାର ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର କଲେଜର ସାମ୍ପ ରୁମ୍‌ରେ ବୁଧବାର ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗି ରୁମ୍‌ରେ ଥିବା ୧୦ରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ସହ ଛାତ୍ରୀଛାତ୍ରଙ୍କ ଅନେକ ଜରୁରୀ ଡକ୍ୟୁମେଣ୍ଟ ଓ ଫାଇଲ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇଯାଇଛି। ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଆନନ୍ଦପୁର ଉପ ଜିଲାପାଳ ନୀଳମାଧବ ସୁନା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁସନ୍ଧାନ କରିଥିଲେ। ଶୀଘ୍ର ତଦନ୍ତ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ତଦନ୍ତରୁ ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ୧୭ ଜଳଛତ୍ର ଉଦ୍‌ଘାଟିତ

**ବଞ୍ଚୋ,୨୨।୪(ପ୍ରଦୋଷ କୁମାର ବିଶ୍ୱାଳ)**

କେନ୍ଦୁଝର ଜିଲା ଆନନ୍ଦପୁର ମ୍ୟୁନିସିପାଲିଟି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ୧୭ଟି ଥଣ୍ଡା ଓ ଶୁଦ୍ଧ ପାନୀୟ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି ଅବସରରେ ଆନନ୍ଦପୁର କୋର୍ଟ ସମ୍ମୁଖରେ ଏକ ଜଳଛତ୍ର କେନ୍ଦ୍ରକୁ ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆନନ୍ଦପୁର ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ବିଧାୟକଙ୍କ ପ୍ରତିନିଧି ରାକେଶ ରାମ, ବିଜେଡି ନଗର ସଭାପତି ଶ୍ରୀ ଲମାକାନ୍ତ ବେହେରା, କାଉନ୍‌ସିଲର କୃଷ୍ଣଚନ୍ଦ୍ର ରଣା, ସନତ କର, ସୁରେନ୍ଦ୍ର ଦାସ, ନିବେଦିତା ବେହେରା, ବାଇଧର ସେଠୀ, ମଦନ ପାଣି ପ୍ରମୁଖ ସ୍ଥାନୀୟ ପ୍ରତିନିଧି, ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।




ଭାଜପା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ ଅନ୍ୟମାନେ।

# ବ୍ୟବସାୟୀ, ପୌର କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି

### ସ୍ଥାୟୀ ପରିବା ବଜାରକୁ କେନ୍ଦ୍ରକରି ବିବାଦ

**ଯୋଡ଼ା,୨୨।୪(ମାନସ ମହାନ୍ତି)**



ଚାଷୀ ଓ ପରିବା ବ୍ୟବସାୟୀ ବିକ୍ଷୋଭ କରୁଛନ୍ତି।

କେନ୍ଦୁଝରଜିଲା ଯୋଡ଼ା ପୌରପାଳିକାରେ ସ୍ଥାୟୀ ପରିବା ବଜାରକୁ ନେଇ ଗଣ୍ଡଗୋଳ ହୋଇଛି। ବ୍ୟବସାୟୀ ତଥା ଚାଷୀ ଓ ପୌର କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ଉପୁଜିଥିଲା। ପରିବା ବ୍ୟବସାୟୀ ପୌର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ପରେ ବୁଝାଶୁଝା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ପ୍ରକାଶ ଯେ, ଯୋଡ଼ା ସହରରେ ପରିବା ବ୍ୟବସାୟୀ ଓ ଚାଷୀଙ୍କ ପାଇଁ ସ୍ଥାୟୀ ବଜାର ନାହିଁ। ସେମାନେ ଯୋଡ଼ା ବସ୍‌ଷ୍ଟାଣ୍ଡର ଫ୍ଲାଏଓଭର ତଳେ ବସି ପରିବା ବିକ୍ରି କରୁଥିଲେ। ଫ୍ଲାଏଓଭର ତଳେ ପରିବା ବିକିବା ସମୟରେ ଅନେକ ସମୟରେ ଭିଡ ଜମି ଟ୍ରାଫିକ୍ ସମସ୍ୟା ଉପୁଜୁଥିଲା। ଏ ନେଇ ପୌରପାଳିକା ପକ୍ଷରୁ ପରିବା ବଜାରକୁ ଗତ ମାର୍ଚ୍ଚ ୧ ତାରିଖରେ ଯୋଡ଼ା ବୁଦ୍ଧ ପାର୍କକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ପ୍ରାୟ ୧ ମାସ ଧରି ପରିବା ବ୍ୟବସାୟୀମାନେ ପରିବା ବିକ୍ରି କରୁଥିଲେ। ବ୍ୟବସାୟୀ, ଚାଷୀ ପ୍ରବଳ ଖରାରେ ବସି ବ୍ୟବସାୟ କରୁଥିଲେ। ପୌରପାଳିକା ପକ୍ଷରୁ ସେଠାରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଏବେ ପ୍ରବଳ ଖରା ହେଉଥିବାରୁ ବୁଧବାର ସକାଳେ ବସ୍‌ଷ୍ଟାଣ୍ଡ ଫ୍ଲାଏଓଭର ତଳେ ବ୍ୟବସୟୀ ପରିବା ବିକ୍ରି କରୁଥିଲେ। ପୌରପାଳିକା ପକ୍ଷରୁ ସେମାନଙ୍କୁ ଉଠାଇବା ପାଇଁ ପୌର କର୍ମଚାରୀ ପହଞ୍ଚି ପୋଲିସ ସହାୟତାରେ ଉଚ୍ଛେଦ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ପୌର କର୍ମଚାରୀ ଓ ପରିବା ବ୍ୟବସାୟୀଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଧସ୍ତାଧସ୍ତି ହୋଇଥିଲା। ପରେ ପରିବା ବ୍ୟବସାୟୀ ପୌର କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ବିକ୍ଷୋଭକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ଏଥିସହ ବ୍ୟବସାୟୀଙ୍କୁ ପରିବା ବିକିବା ପାଇଁ ପୌରପାଳିକା ପକ୍ଷରୁ ଉପଯୁକ୍ତ ସ୍ଥାନ ଦିଆଯାଇଥିଲା। ସେଠାରେ ନ ରହି କାହିଁକି ପୁନର୍ବାର ଫ୍ଲାଏଓଭର ତଳକୁ ଗଲ ବୋଲି କହିଥିଲେ। ଧସ୍ତାଧସ୍ତି ସମୟରେ ପୌର କର୍ମଚାରୀ ଇଲେକ୍ଟ୍ରିକାଲ ସୁପରଭାଇଜର ବିପ୍ଳବ ଜେନାଙ୍କ ସୁନାମୁଦି ହଜିଯାଇଥିଲା। ପୌର କର୍ମଚାରୀଙ୍କ ସୁନା ମୁଦି କୁଆଡ଼େ ଗଲା, ତାକୁ ଫେରାଇ ଦେବା ପାଇଁ କହିଥିଲେ। ଯୋଡ଼ା ପୌରପାଳିକା ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବା ମଧ୍ୟ ଜଣାଯାଇଛି।

